# GANGADHAR MEHER UNIVERSITY,
## AMRUTA VIHAR, SAMBALPUR, ODISHA

### NOTICE

No 2975 /GMU/ Date: 18/07/2024

It is hereby informed to the students and staff of the Gangadhar Meher University that a Mass Drug Administration(MDA) campaign to prevent **Lymphatic filariasis** is going to be organized by the District Administration in the month of August 2024. Drugs will be administered at doorsteps, primarily by ASHAs and the Mobile teams will handle administration in schools, offices, industries, prisons, and other special locations.

All are requested to take the benefit of MDA campaign for its successful implementation. Some resource material on Lymphatic filariasis are attached for reference.

REGISTRAR 18/07/24

Memo No 2976 Date 18/07/2024

Copy to all Notice Boards / All HODs / Dy. registrar / All Officers / All Section Heads / PA to VC / PA to Registrar / System Manager Cell for information and necessary action.

REGISTRAR 18/07/24

ଜାତୀୟ ସ୍ୱାସ୍ଥ୍ୟ ମିଶନ୍

ଫାଇଲେରିଆ ମୁକ୍ତି ଅଭିଯାନ
ସୁରକ୍ଷିତ ଔଷଧ, ସ୍ୱାସ୍ଥ୍ୟର ବିଶ୍ୱାସ

# ଫାଇଲେରିଆ ବା ବାତଜ୍ୱର ବିଷୟରେ ବାରମ୍ବାର ପଚରାଯାଉଥିବା କେତୋଟି ପ୍ରଶ୍ନ ଓ ଉତ୍ତର
# ୨୦୨୪









ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ
ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସମ୍ବଲପୁର


## ପ୍ରଶ୍ନ୧. ଫାଇଲେରିଆ କ'ଣ ଓ କିପରି ହୁଏ ?



**ଉତ୍ତର :** ଗୋଡ଼, ହାତ ଓ ପାଦ ଫୁଲି ଗୋଦର ହେଲେ ଆମେ ଫାଇଲେରିଆ ହୋଇଛି ବୋଲି କହିଥାଉ। ଏହା ମଶା କାମୁଡ଼ିବା ଦ୍ୱାରା ଫାଇଲେରିଆ ପରଜୀବୀ ଆମ ଦେହରେ ପ୍ରବେଶ କରିଥାଏ। ପ୍ରାୟତଃ ଏକ ବର୍ଷ ପରେ ଏହା ଆମ ଲସିକା ଗ୍ରନ୍ଥି ଗୁଡ଼ିକୁ ନଷ୍ଟ କରିବା ଆରମ୍ଭ କରେ, ଯାହା ଦ୍ୱାରା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମିଯାଏ। ୧୦ ରୁ ୧୫ ବର୍ଷ ପରେ ଗୋଦର ର ଲକ୍ଷଣ ଦେଖାଯାଏ ଏବଂ କ୍ରମଶଃ ଚର୍ମ ରେ କ୍ଷତ ଦ୍ୱାରା ଶରୀରରେ ଜୀବାଣୁ ପ୍ରବେଶ କରନ୍ତି ଏବଂ ଜ୍ୱର ହୁଏ। ଏହାକୁ ବାତଜ୍ୱର କୁହାଯାଏ। ସାଧାରଣତଃ ଦୁଇପ୍ରକାର ମାଇକ୍ରୋଫାଇଲେରିଆ କୀଟାଣୁ ଫାଇଲେରିଆ ରୋଗ ସଂକ୍ରମଣ କରିଥାନ୍ତି ଯଥା: ଉଚେରିଆ ବାଙ୍କ୍ରଫ୍‌ଟି ଓ ବୃଜୀୟା ମାଲାୟୀ

## ପ୍ରଶ୍ନ ୨. ଫାଇଲେରିଆ ରୋଗ କିପରି ସଂକ୍ରମଣ ହୋଇଥାଏ ?

**ଉତ୍ତର :** କେତେକ ମଶା କାମୁଡ଼ିବା ଦ୍ୱାରା ମାଇକ୍ରୋଫାଇଲେରିଆ ପରଜୀବୀ କୀଟାଣୁ ଜଣଙ୍କ ଦେହରୁ ଅନ୍ୟ ଜଣଙ୍କ ଦେହକୁ ସଂକ୍ରମିତ ହୋଇଥାଏ।



ନିମ୍ନ ଲିଖିତ ଦୁଇ ପ୍ରକାର ପରଜୀବୀ କୀଟାଣୁ ଅଲଗା ଅଲଗା ମଶା ଦ୍ୱାରା ସଂକ୍ରମିତ ହୋଇଥାନ୍ତି।

ଯଥା : ଉଚେରିଆ ବାଙ୍କ୍ରଫ୍‌ଟି (W.B) ମାଇ କ୍ୟୁଲେକ୍ସ ମଶା ଦ୍ୱାରା ଓ ବୃଜୀୟା ମାଲାୟୀ (B.M) ମାଇ ମାନସୋନିଆ ମଶା ଦ୍ୱାରା ସଂକ୍ରମିତ ହୋଇଥାନ୍ତି।

ଏହି ମଶା କାମୁଡ଼ିବା ଦ୍ୱାରା ମାଇକ୍ରୋଫାଇଲେରିଆ କୀଟାଣୁ ରୋଗୀ ଦେହରୁ ସୁସ୍ଥ ଲୋକ ଦେହକୁ ସଂକ୍ରମିତ ହୋଇଥାଏ। ଏହି କୀଟାଣୁଗୁଡ଼ିକ ସୁସ୍ଥଲୋକ ଦେହରେ ବୃଦ୍ଧି ପାଇ ପୂର୍ଣ୍ଣାଙ୍ଗ ମାଇ ବା ଅଣ୍ଡିରା କୃମିରେ ପରିଣତ ହୁଅନ୍ତି। ପୂର୍ଣ୍ଣାଙ୍ଗ ମାଇ ଓ ଅଣ୍ଡିରା କୃମି ଲସିକା ଗ୍ରନ୍ଥିରେ ବାସ କରି ପ୍ରଜନନକ୍ଷମ ହୁଅନ୍ତି। ଗୋଟିଏ ମାଇ କୃମି ପ୍ରାୟ ୫୦ ହଜାର ମାଇକ୍ରୋଫାଇଲେରିଆ କୀଟାଣୁ ଜନ୍ମ ଦେଇଥାଏ।


## ପ୍ରଶ୍ନ ୩. ବାତଜ୍ୱର ରୋଗର ଲକ୍ଷଣ କ'ଣ ?



**ଉତ୍ତର :** ପ୍ରାଥମିକ ଅବସ୍ଥାରେ କମ୍ପ ହୋଇ ଜ୍ୱର ଆସେ ଗୋଡ଼ ହାତ ଘୋଳା ବିନ୍ଧା ହୁଏ, ଚର୍ମ ଉପରେ ଲାଲ ଦାଗ ପଡ଼ିଯାଏ, ଦରଜ ହୁଏ, ଗିଲ୍‌ଟି ଫୁଲି ଦରଜ ହୁଏ ଓ ରକ୍ତ ପଡ଼େ।

## ରୋଗ ପୁରୁଣା ହୋଇଗଲେ:

- ଗୋଡ଼, ପାଦ, ହାତ ଆଦି ଫୁଲିଯାଏ, ଗୋଦର ହୁଏ।
- ପୁରୁଷମାନଙ୍କ ଅଣ୍ଡକୋଷ ଫୁଲେ। ଏହାକୁ ହାଇଡ୍ରୋସିଲ୍ କହନ୍ତି। କେତେକ କ୍ଷେତ୍ରରେ ଲିଙ୍ଗ ଫୁଲି ମୋଟା ଓ ବଙ୍କା ହୋଇଯାଏ ଯେ ମେଣ୍ଢାର ଶିଙ୍ଗ ପରି ଦେଖାଯାଏ।



- ମହିଳାମାନଙ୍କର ସ୍ତନ ଫୁଲି ଦରଜ ହୁଏ।
- କେତେକଙ୍କ କ୍ଷେତ୍ରରେ ଧଳା ପରିସ୍ରା ହୁଏ।
- ପ୍ରଥମ ଅବସ୍ଥାରୁ ଉପଯୁକ୍ତ ଯତ୍ନ ନ ନେଲେ, ଫୁଲା କମେନାହିଁ ଓ ଅଙ୍ଗଟି ବିକଳାଙ୍ଗ ହୋଇଯାଏ।
- ଗୋଦର ଉପରେ ଆବୁ ଆବୁ ହୋଇ ବାହାରେ। କେତେକ ସ୍ଥଳରେ ଏହା ଛତୁ ଫୁଟିଲା ପରି ଦେଖାଯାଏ। ଏଥିରେ ଜୀବାଣୁ ସହଜରେ ସଂକ୍ରମିତ ହୋଇଥାଏ, ଫଳରେ ପୂଜ ଓ ଲସା ବାହାରେ।

## ପ୍ରଶ୍ନ ୪. ଏହି ରୋଗ କ'ଣ ବଂଶାନୁଗତ ?

**ଉତ୍ତର :** ଏହି ରୋଗ ବଂଶାନୁଗତ ନୁହେଁ। ଏହା ଏକ ପରଜୀବୀ କୀଟାଣୁ ଦ୍ୱାରା ସଂକ୍ରମିତ ହୋଇଥାଏ।

## ପ୍ରଶ୍ନ ୫. ମଶା କାମୁଡ଼ିବାର କେତେ ଦିନ ପରେ ରୋଗର ଲକ୍ଷଣ ଦେଖାଯାଏ ?






**ଉତ୍ତର :** ମଶା କାମୁଡ଼ିବାର ପ୍ରାୟ ୧ ବର୍ଷ ପରେ ବାତଜ୍ୱରର ଲକ୍ଷଣ ଦେଖାଯାଇଥାଏ। ସୁସ୍ଥ ଲୋକର ଦେହରେ ଫାଇଲେରିଆ ପରଜୀବୀ କୀଟାଣୁ (ମାଇକ୍ରୋଫାଇଲେରିଆ) ପ୍ରବେଶ କରିବାର ପ୍ରାୟ ୧ ବର୍ଷ ପରେ ଏହା ପୂର୍ଣ୍ଣାଙ୍ଗ କୃମିରେ ପରିଣତ ହୋଇଥାଏ। ପୂର୍ଣ୍ଣାଙ୍ଗ କୃମି ହେବା ପରେ ଫାଇଲେରିଆ ରୋଗର ଲକ୍ଷଣ ପ୍ରକାଶ ପାଏ। ତେଣୁ ମଶା କାମୁଡ଼ିବାର ପ୍ରାୟ ୧ ବର୍ଷ ପରେ ରୋଗର ଲକ୍ଷଣ ଦେଖାଯାଇଥାଏ। ମାତ୍ର କେତେକ କ୍ଷେତ୍ରରେ ୧୫ ରୁ ୨୦ ବର୍ଷ ଲାଗିଯାଇପାରେ।

## ପ୍ରଶ୍ନ ୬. ଫାଇଲେରିଆ ରୋଗରେ ଅଙ୍ଗ ଫୁଲେ କାହିଁକି ?

**ଉତ୍ତର :** ଜୀବନ୍ତ ବା ମୃତ ପୂର୍ଣ୍ଣାଙ୍ଗ ଫାଇଲେରିଆ କୃମି ଲସିକା ନଳୀକୁ ଅବରୋଧ କରେ। ଜୀବନ୍ତ କୃମି ଏକ ପ୍ରକାର ବିଷାକ୍ତ ପଦାର୍ଥ ନିର୍ଗତ କରେ। ଏହି ବିଷାକ୍ତ ପଦାର୍ଥ ଲସିକା ନଳୀକୁ ଅବରୋଧ କରେ। ଫଳରେ ଲସିକା ପ୍ରବାହରେ ବାଧା ଉପୁଜେ। ଲସିକା ନଳୀରୁ ଲସିକା ନଳୀ ବାହାରେ ଥିବା ଜୀବକୋଷ ମଧ୍ୟକୁ ଲସିକା ପ୍ରବେଶ କରେ। ଫଳରେ ଅବରୋଧ ହୋଇଥିବା ଅଙ୍ଗଟି ଫୁଲେ। ପ୍ରଥମେ ପ୍ରଥମେ ଫୁଲାଟି ନରମ ଥାଏ, ଚିପିଦେଲେ ଦବିଯାଏ। ବାହାରର ରୋଗଜୀବାଣୁ ଗୋଦର ଅଙ୍ଗରେ ଥିବା କ୍ଷତ ଦେଇ ଶରୀରକୁ ପ୍ରବେଶ କରେ। ଫଳରେ ବାରମ୍ବାର ଜ୍ୱର ହୁଏ ଓ ଅଙ୍ଗ ଫୁଲି ଦରଜ ହୁଏ। ମାତ୍ର ରୋଗ ପୁରୁଣା ହୋଇଗଲେ ଫୁଲା ଜାଗା ଟାଣ ହୋଇଯାଏ। ପାଦ, ଗୋଡ଼ ଫୁଲି ଗୋଦର ହୁଏ, ଅଣ୍ଡକୋଷ ଫୁଲି ହାଇଡ୍ରୋସିଲ ହୁଏ, ସ୍ତନ ଫୁଲି ଟାଣ ହୁଏ। ପ୍ରଥମ ଅବସ୍ଥାରେ ଫୁଲା ଜାଗାକୁ ଉପରକୁ ଟେକି ରଖିଲେ ଫୁଲା କମିଯାଏ। ମାତ୍ର ଅଧିକ ଦିନର ରୋଗ ହୋଇଥିଲେ, ଏହା ଆଉ କମେ ନାହିଁ।



## ପ୍ରଶ୍ନ ୭. ଫାଇଲେରିଆ ରୋଗ ପାଇଁ ନିର୍ଦ୍ଦିଷ୍ଟ ଚିକିତ୍ସା ଅଛି କି ?

**ଉତ୍ତର :** ହଁ, ପ୍ରାଥମିକ ଚିକିତ୍ସାରେ ରୋଗ ଚିକିତ୍ସା ପାଇଁ ଔଷଧ ଅଛି। ଏହି ସମୟରେ ଡାକ୍ତରଙ୍କ ପରାମର୍ଶ କରି ଚିକିତ୍ସା କଲେ ରୋଗ ବଢ଼ି ନଥାଏ।

## ପ୍ରଶ୍ନ ୮. ଫାଇଲେରିଆ ରୋଗ ଚିହ୍ନଟ କରିବ କିପରି ?

**ଉତ୍ତର :** ଲକ୍ଷଣ ଦେଖି ଆମେ ସହଜରେ ଜାଣିପାରିବା ଜଣଙ୍କୁ ଫାଇଲେରିଆ ହୋଇଛି କି ନାହିଁ, ମାତ୍ର ଅନେକଙ୍କ କ୍ଷେତ୍ରରେ କୀଟାଣୁ ଥାଇ ମଧ୍ୟ ଲକ୍ଷଣ ଦେଖାଯାଏ ନାହିଁ। ଏମାନଙ୍କ କ୍ଷେତ୍ରରେ ରକ୍ତ ପରୀକ୍ଷା କରି ରୋଗର ସଂକ୍ରମଣ ହୋଇଛି କି ନାହିଁ ଜାଣିହୁଏ। ରାତି ୮ ରୁ ୧୨ ଟା ମଧ୍ୟରେ ରୋଗୀ ଶୋଇଥିବା ସମୟରେ ଏହି ରକ୍ତ ନମୁନା ସଂଗ୍ରହ କରାଯାଏ। କାରଣ ଦିନ ବେଳାରେ ଏହି କୀଟାଣୁ ରକ୍ତ ସ୍ରୋତରେ ନଥାଇ ଲସିକା ଗ୍ରନ୍ଥୀ ମଧ୍ୟରେ ଲୁଚି ରହିଥାନ୍ତି ଓ ରାତି ହେଲେ ରକ୍ତ ସ୍ରୋତକୁ ଆସିଥାନ୍ତି। ରକ୍ତ ନମୁନାକୁ ଅଣୁବୀକ୍ଷଣ ଯନ୍ତ୍ର ସାହାଯ୍ୟରେ ପରୀକ୍ଷା କରି କୀଟାଣୁ ଚିହ୍ନଟ କରିହୁଏ।



## ପ୍ରଶ୍ନ ୯. ଫାଇଲେରିଆ ରୋଗର ପ୍ରତିରୋଧ ତଥା ନିରାକରଣ କିପରି କରାଯାଇପାରିବ ?

**ଉତ୍ତର :** ବାତଜ୍ୱର ନିରାକରଣ ପାଇଁ ଭାରତ ସରକାରଙ୍କ ତରଫରୁ ‘‘ଜାତୀୟ ବାତଜ୍ୱର ନିରାକରଣ’’ କାର୍ଯ୍ୟକ୍ରମ ଜାରି ରହିଛି। ୨୦୩୦ ମସିହା ସୁଦ୍ଧା ଏହି ରୋଗକୁ ନିରାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ବର୍ତ୍ତମାନ ଆମ ଜାତୀୟ କାର୍ଯ୍ୟକ୍ରମରେ ଦୁଇଟି ମୁଖ୍ୟ ଉପାୟ ଅବଲମ୍ବନ କରାଯାଉଅଛି।

୧.	ଗୋଷ୍ଠୀରେ ସମସ୍ତଙ୍କ ଦେହରୁ ବାତଜ୍ୱର କୀଟାଣୁ ନଷ୍ଟ କରିବା ନିମିତ୍ତ ସାର୍ବଜନୀନ ବାତଜ୍ୱର ଔଷଧ ସେବନ କାର୍ଯ୍ୟକ୍ରମ।

୨.	ବାତଜ୍ୱର ରୋଗୀମାନଙ୍କ ପାଇଁ ଗୋଦର ଗୋଡ଼ର ଯତ୍ନ ଓ ହାଇଡ୍ରୋସିଲ୍ ଅପରେସନ୍ କାର୍ଯ୍ୟକ୍ରମ।

**ମଶା ବଂଶ ବୃଦ୍ଧି ନ ହେବା ପାଇଁ ଓ ମଶା ନ କାମୁଡ଼ିବା ପାଇଁ ବିଭିନ୍ନ ଉପାୟମାନ ଅବଲମ୍ବନ କରାଯାଇଥାଏ।**

- ମଶା ବଂଶ ବୃଦ୍ଧି ନ ହେବା ପାଇଁ ଘର ଆଖପାଖରେ ପାଣି ଜମିବାକୁ ଦେବାନାହିଁ। ନାଳ ନର୍ଦ୍ଦମାରେ ଜମୁଥିବା ପାଣିରେ ମଶା ଲାର୍ଭାନାଶକ ଔଷଧ ସପ୍ତାହକୁ ଥରେ ପ୍ରୟୋଗ କରିବା।







- ଗପି ଏକ ଲାର୍ଭାଖିଆ ମାଛ। ଏହି ମାଛ ନାଳ ବା ନର୍ଦ୍ଦମା ପାଣିରେ ବଂଶ ବୃଦ୍ଧି କରିପାରନ୍ତି। ଏମାନେ ମଶା ଲାର୍ଭା ଖାଇଦିଅନ୍ତି। ଫଳରେ ମଶା ବଂଶ ବୃଦ୍ଧି ହୋଇପାରେ ନାହିଁ (କ୍ୟୁଲେକ୍ସ ମଶା ନାଳ, ନର୍ଦ୍ଦମା ତଥା ପଚାସଢ଼ା ପାଣିରେ ଅଣ୍ଡା ଦେଇ ବଂଶ ବଢ଼ାଇ ଥାଏ। ଅଣ୍ଡା ଦେବାର ୭ ରୁ ୭୦ ଦିନ ଭିତରେ ଅଣ୍ଡାରୁ ଲାର୍ଭା, ଲାର୍ଭାରୁ ପ୍ୟୁପା ହୋଇ ପୂର୍ଣ୍ଣାଙ୍ଗ ମଶାରେ ପରିଣତ ହୁଏ।) ଗପି ମାଛ ଛାଡ଼ିବା ଦ୍ୱାରା କ୍ୟୁଲେକ୍ସ ମଶାର ବଂଶ ବୃଦ୍ଧି ହ୍ରାସ କରାଯାଇପାରିବ।
- ମଶା କାମୁଡ଼ିବାରୁ ରକ୍ଷା ପାଇବା ପାଇଁ ମଶାରି ଟାଙ୍ଗୀ ଶୋଇବେ।
- ମଶା ଘଉଡ଼ାଇବା ପାଇଁ ମଶାଧୂପ ବ୍ୟବହାର କରିପାରିବେ।
- ମଶା ବିକର୍ଷିକାରୀ ମଲମ ଦେହରେ ଲଗାଇପାରିବେ।

**ପ୍ରଶ୍ନ ୧୦. ଗୋଷ୍ଠୀରେ ସମସ୍ତଙ୍କ ଦେହରୁ ଫାଇଲେରିଆ ବା ବାତଜ୍ୱର କୀଟାଣୁ ନଷ୍ଟ କରାଯିବ କିପରି ?**

**ଉତ୍ତର :** ଏଥିପାଇଁ "ସାର୍ବଜନୀନ ଔଷଧ ସେବନ' **Mass Drug Administration (MDA)** ବା କାର୍ଯ୍ୟକ୍ରମକୁ ବାତଜ୍ୱର ପ୍ରବଣ ଜିଲ୍ଲାମାନଙ୍କରେ କାର୍ଯ୍ୟକାରୀ କରାଯାଉଛି।

**ପ୍ରଶ୍ନ ୧୧. କେଉଁମାନେ ଏହି ଔଷଧ ସେବନ କରିପାରିବେ ?**

**ଉତ୍ତର :** ୬ ବର୍ଷ ଓ ତା ଠାରୁ ଅଧିକ ବୟସର ସମସ୍ତଙ୍କୁ ଆଇଭରମାକ୍ଟିନ୍ + ଡିଇସି + ଆଲ୍‌ବେଣ୍ଡାଜୋଲ୍ ଔଷଧ ଦିଆଯିବ। ୨ ରୁ ୫ ବର୍ଷର ଶିଶୁମାନଙ୍କୁ କେବଳ ଡ଼ିଇସି + ଆଲ୍‌ବେଣ୍ଡାଜୋଲ୍ ଔଷଧ ଦିଆଯିବ। ୨ ବର୍ଷର ଶିଶୁ, ଗର୍ଭବତୀ ମହିଳା ଏବଂ ଗୁରତର ଅସୁସ୍ଥ ହିତାଧିକାରୀଙ୍କୁ ଏମଡ଼ିଏ ଔଷଧ ଦିଆଯିବ ନାହିଁ। ଶିଶୁ ଜନ୍ମ କରିଥିବା ମାଆଙ୍କୁ ଏକ ସପ୍ତାହ ମଧ୍ୟରେ ଆଇଭରମାକ୍ଟିନ୍ ଔଷଧ ଦିଆଯିବ ନାହିଁ।

ଲଗାତାର ୫ ରୁ ୬ ବର୍ଷ ପର୍ଯ୍ୟନ୍ତ (ଆଲବେଣ୍ଡାଜୋଲ୍ ଓ ଡି.ଇ.ସି) ବା ଦୁଇ ରୁ ତିନି ବର୍ଷ ପର୍ଯ୍ୟନ୍ତ (ଆଲାବେଣ୍ଡାଜୋଲ୍, ଡ଼ି.ଇ.ସି ଓ ଆଇଭର୍‌ମେକ୍ଟିନ୍) ଯଦି ଗୋଟିଏ ଗୋଷ୍ଠୀରେ ଶତକଡ଼ା ୮୫ ଭାଗରୁ ଅଧିକ ଲୋକ ବର୍ଷର ଗୋଟିଏ ଦିନରେ ବାତଜ୍ୱର ନିରାକରଣ ପାଇଁ ଦିଆଯାଉଥିବା ଔଷଧ ସେବନ କରନ୍ତି, ତେବେ ଗୋଷ୍ଠୀରୁ ବାତଜ୍ୱର ନିରାକରଣ ହୋଇପାରିବ।

## ପ୍ରଶ୍ନ ୧୨. ସମସ୍ତେ ଏକା ଦିନରେ ଔଷଧ ସେବନ କରିବେ କାହିଁକି ?

**ଉତ୍ତର :** ଗୋଷ୍ଠୀରେ ସମସ୍ତେ ଏକା ସମୟରେ ଔଷଧ ସେବନ କଲେ ସେମାନଙ୍କ ଦେହରେ ଥିବା ବାତଜ୍ୱରର କୀଟାଣୁ ଏକାବେଳକେ ମରିଯାନ୍ତି। ଫଳରେ କୀଟାଣୁ ସଂକ୍ରମଣ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଥାଏ। ଏହିପରି ୫ ରୁ ୬ ବର୍ଷ (ଆଲାବେଣ୍ଡାଜୋଲ୍ ଓ ଡ଼ି.ଇ.ସି) ବା ୨ ରୁ ୩ ବର୍ଷ (ଆଲାବେଣ୍ଡାଜୋଲ୍, ଡ଼ି.ଇ.ସି ଓ ଆଇଭର୍‌ମେକ୍ଟିନ) ଲଗାତାର ସାର୍ବଜନୀନର ଔଷଧ ସେବନ କରିବା ଦ୍ୱାରା ବାତଜ୍ୱର କୀଟାଣୁ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବେ। ଏହି ସମୟ ଭିତରେ ଶରୀରରେ ଥିବା ସମସ୍ତ ପୂର୍ଣ୍ଣାଙ୍ଗ କୃମି ମଧ୍ୟ ମରିଯିବେ। ଫଳରେ କାହାରି ଦେହରେ ବାତଜ୍ୱର କୀଟାଣୁ ରହିବେ ନାହିଁ। ଏହାଦ୍ୱାରା ବାତଜ୍ୱର ନିରାକରଣ ସମ୍ଭବ ହୋଇପାରିବ। **MDA** ଦିନ ଔଷଧ ସେବନ କରାଉଥିବା କର୍ମୀ ମାନେ ଘରକୁ ଘର ଯାଇ ସମସ୍ତ ପରିବାରର ସଦସ୍ୟମାନଙ୍କୁ ଏହି ଔଷଧ ଖୁଆଇବେ, ଏଥିପାଇଁ ଜନସହଯୋଗ ଏକାନ୍ତ ଆବଶ୍ୟକ।

## ପ୍ରଶ୍ନ ୧୩. ବାତଜ୍ୱର ପାଇଁ ଦିଆଯାଉଥିବା ଔଷଧ କ'ଣ ଏକ ନୂଆ ପ୍ରକାରର ଔଷଧ ?

**ଉତ୍ତର :** ନାଁ, ଏହି ଔଷଧ ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ବ୍ୟବହାର କରାଯାଉଛି। ପ୍ରାୟ ଅଧିକାଂଶ ଲୋକ ଡ଼ି.ଇ.ସି, ଆଲାବେଣ୍ଡାଜୋଲ୍ ଓ ଆଇଭର୍‌ମେକ୍ଟିନ ବଟିକା ଆଗରୁ ଖାଇଥିବେ। ଏହି ତିନି ପ୍ରକାରର ବଟିକା **MDA** ରେ ଦିଆଯାଉଛି।

## ପ୍ରଶ୍ନ ୧୪. ଏସବୁ ଔଷଧ କିପରି ଖାଇବେ ?

**ଉତ୍ତର :** ବୟସ ଅନୁସାରେ ଡି.ଇ.ସି. ବଟିକା ଓ ଆଲବେଣ୍ଡାଜୋଲ ବଟିକା ଦିଆଯାଇଥାଏ। ଉଚ୍ଚତା ଅନୁସାରେ ଆଇଭର୍‌ମେକ୍ଟିନ ବଟିକା ଦିଆଯାଇଥାଏ।

### ବୟସ ଅନୁସାରେ ଡ଼ି.ଇ.ସି ବଟିକା ଓ ଆଲବେଣ୍ଡାଜଲ ବଟିକା ମାତ୍ରା

| | ଡ଼ି.ଇ.ସି. | | ଆଲବେଣ୍ଡାଜଲ |
|---|---|---|---|
| ବୟସ | ମାତ୍ରା | ବଟିକା ସଂଖ୍ୟା ୧୦୦ ମି.ଗ୍ରା | |
| < ୨ ବର୍ଷ | ୦ | ୦ | ୦ |
| ୨ ବର୍ଷରୁ ୫ ବର୍ଷ | ୧୦୦ ମି.ଗ୍ରା | ୧ଟି | ୧ଟି |
| ୬ ବର୍ଷରୁ ୧୪ ବର୍ଷ | ୨୦୦ ମି.ଗ୍ରା | ୨ଟି | ୧ଟି |
| ୧୫ ବର୍ଷ ବା ତାଠାରୁ ଊର୍ଦ୍ଧ୍ୱ | ୩୦୦ ମି.ଗ୍ରା | ୩ଟି | ୧ଟି |

## ଉଚ୍ଚତା ଅନୁସାରେ ଆଇଭରମେକ୍ଟିନ୍ ବଟିକା ମାତ୍ରା

| ଉଚ୍ଚତା (ସେମି.ରେ) | ଆଇଭରମେକ୍ଟିନ (୩ମିଗ୍ରା. ବଟିକା) | | |
|---|---|---|---|
| | ଔଷଧ ମାତ୍ରା ମିଗ୍ରା. ହିସାବରେ | ବଟିକା ସଂଖ୍ୟା | ମାତ୍ରା ଅନୁସାରେ ରଙ୍ଗ |
| ୯୦ - ୧୧୯ | ୩ | ୧ | ହଳଦିଆ |
| ୧୨୦ - ୧୪୦ | ୬ | ୨ | ନୀଳ |
| ୧୪୧ - ୧୫୮ | ୯ | ୩ | ସବୁଜ |
| > ୧୫୯ | ୧୨ | ୪ | ଗୋଲାପି |

**ବାତଜ୍ୱର ପାଇଁ ଦିଆଯାଇଥିବା ବଟିକା କିଛି ଖାଇ ସାରିବା ପରେ ଖାଇବେ, ଖାଲି ପେଟରେ ଖାଇବେ ନାହିଁ।**

### ପ୍ରଶ୍ନ ୧୫. ବାତଜ୍ୱର ଔଷଧ ଖାଇବା ପରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଏ କି ?

ଉତ୍ତର :ଡି.ଇ.ସି, ଆଲବେଣ୍ଡାଜୋଲ ଓ ଆଇଭରମେକ୍ଟିନ ଶରୀର ପାଇଁ ନିରାପଦ।

- ପାର୍ଶ୍ୱପ୍ରତିକ୍ରିୟା ସମସ୍ତଙ୍କ କ୍ଷେତ୍ରରେ ଦେଖାଯାଏ ନାହିଁ।
- ଯେଉଁମାନଙ୍କ ଦେହରେ ଅଧିକ ପରିମାଣର ବାତଜ୍ୱର କୀଟାଣୁ ଥାଆନ୍ତି, ସେମାନଙ୍କଠାରେ କେତେକ ସାଧାରଣ ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇପାରେ। ବାତଜ୍ୱର କୀଟାଣୁ ମରିବା ଯୋଗୁଁ ଏପରି ପାର୍ଶ୍ୱପ୍ରତିକ୍ରିୟା ଦେଖାଯାଇଥାଏ।

**ନିମ୍ନଲିଖିତ ପାର୍ଶ୍ୱପ୍ରତିକ୍ରିୟା ମଧ୍ୟରୁ ଗୋଟିଏ ବା ଅଧିକ ପାର୍ଶ୍ୱପ୍ରତିକ୍ରିୟା ଦେଖାଦେଇପାରେ।**

- ଜ୍ୱର, ମୁଣ୍ଡବିନ୍ଧା, ଦେହହାତ ବ୍ୟଥା, ମୁଣ୍ଡ ବୁଲେଇବା
- ଚର୍ମରେ ଲାଲ ହୋଇ ଫଳିଯିବା ଓ ବେଳେ ବେଳେ ଚର୍ମ କୁଣ୍ଡାଇ ହେବା

ଏ ସବୁ ପାର୍ଶ୍ୱପ୍ରତିକ୍ରିୟା ୨୪ ଘଣ୍ଟା ମଧ୍ୟରେ ଆପେ ଆପେ ଭଲ ହୋଇଯାଏ। ଏଥିପାଇଁ କୌଣସି ଔଷଧ ଦରକାର ହୋଇନଥାଏ। ଯଦି ପାର୍ଶ୍ୱ ପ୍ରତିକ୍ରିୟା ଲାଗିରହେ, ତେବେ ପାଖ ସ୍ୱାସ୍ଥ୍ୟକେନ୍ଦ୍ରକୁ ରୋଗୀକୁ ନେଇ ଚିକିତ୍ସା କରାଯାଇପାରିବ।

### ପ୍ରଶ୍ନ ୧୬. ବାତଜ୍ୱର କୌଣସି ଲକ୍ଷଣ ନ ଥିଲେ ମଧ୍ୟ ଜଣେ କାହିଁକି ଔଷଧ ଖାଇବେ ?

ଉତ୍ତର : ଲକ୍ଷଣ ଦେଖାନଗଲେ ମଧ୍ୟ ଶରୀରରେ ବାତଜ୍ୱରର ପରଜୀବୀ କୀଟାଣୁ ଥାଇପାରନ୍ତି। କାରଣ ଆମ

ଅଞ୍ଚଳରେ ବାତଜ୍ୱର ରୋଗୀ ଅଛନ୍ତି, ରୋଗ ସଂକ୍ରମଣ କରୁଥିବା ମଶା ଅଛନ୍ତି । ତେଣୁ ମଶା କାମୁଡ଼ିବା ଦ୍ୱାରା ଜଣଙ୍କ ଦେହରୁ ଅନ୍ୟ ଜଣଙ୍କୁ ରୋଗ କୀଟାଣୁ ସଂକ୍ରମଣ ହେବାର ସମ୍ଭାବନା ଅଛି । ଶରୀରରୁ ରୋଗ କୀଟାଣୁ ନାଶ କରିବା ପାଇଁ ବାତଜ୍ୱର ଔଷଧ ଖାଇବା ନିହାତି ଆବଶ୍ୟକ ।

## ପ୍ରଶ୍ନ ୧୭. ଗୋଦର ଭଲ ହେବା ପାଇଁ କିଛି ଚିକିତ୍ସା ଅଛି କି ?

**ଉତ୍ତର :** ଥରେ ଗୋଦର ହୋଇଗଲେ, ଏହାର ସମ୍ପୂର୍ଣ୍ଣ ଆରୋଗ୍ୟ ପାଇଁ କୌଣସି ଚିକିତ୍ସା ନାହିଁ । କିନ୍ତୁ ଗୋଦର ଅଧିକ ନ ବଢ଼ିବା ପାଇଁ, କଷ୍ଟ ନ ହେବା ପାଇଁ ଏବଂ ଗୋଦର ଅଙ୍ଗର ଫୁଲା କମାଇବା ପାଇଁ ନିମ୍ନ ଲିଖିତ ସହଜ ଉପାୟମାନ ଘରେ କରି ପାରିବେ ।

## ପ୍ରଶ୍ନ ୧୮ : ଗୋଦର ଗୋଡ଼ର ଯତ୍ନ ନେବେ କିପରି ?



ଏଥିପାଇଁ ପ୍ଲାଷ୍ଟିକ ଟବ, ପରିଷ୍କାର ପାଣି, ଦେହଲଗା ସାବୁନ, ନରମ ଗାମୁଛା, ପ୍ଲାଷ୍ଟିକ ମଗ ବ୍ୟବହାର କରି ନିମ୍ନମତେ ଯତ୍ନ ନେବେ ।

- ଗୋଦର ଅଙ୍ଗକୁ ନିୟମିତ ଧୋଇବେ । ଏହାଦ୍ୱାରା କଷ୍ଟ ଉପଶମ ହୋଇଥାଏ ଓ ଗୋଦର ଅଙ୍ଗ ସୁସ୍ଥ ରହେ ।
- ଚିତ୍ର ଦେଖନ୍ତୁ : ପରିଷ୍କାର ପାଣି ଓ ଦେହଲଗା ସାବୁନ ଦ୍ୱାରା ଗୋଦର ଅଙ୍ଗକୁ (ପାଦ, ହାତ, ଆଙ୍ଗୁଳି ସନ୍ଧି, ଚର୍ମ ଭାଙ୍ଗକୁ) ଭଲ ଭାବରେ ଧୋଇବେ । ନିଜେ ଧୋଇ ନ ପାରିଲେ ଅନ୍ୟର ସାହାଯ୍ୟ ନେବେ । ଧୋଇଲା ପାଣି ସଫା ଦିଶିଲା ପର୍ଯ୍ୟନ୍ତ ପାଦକୁ ଧୋଇବେ ।
- ଧୋଇ ସାରିବା ପରେ ପରିଷ୍କାର ଓ ନରମ କନାରେ ପୋଛି ଶୁଖାଇ ଦେବେ ।
- ଗୋଦର ଅଙ୍ଗରେ ଖଣ୍ଡିଆ ହୋଇଥିଲେ କିମ୍ବା ଘା' ହୋଇଥିଲେ ସେଥିରେ ଆଣ୍ଟିବାୟୋଟିକ୍ (ଜୀବାଣୁ ନାଶକ) ମଲମ ଲଗାଇବେ ।

## ଏହା ବ୍ୟତୀତ ନିମ୍ନଲିଖିତ ଉପାୟଗୁଡ଼ିକୁ ଅବଲମ୍ବନ କରିବେ



- ଢ଼ିଲା ଓ ନରମ ଚପଲ ବ୍ୟବହାର କରିବେ ।
- ଘରେ କାମଦାମ କିମ୍ବା ବସାଉଠା କଲାବେଳେ, ଯଥା : ରୋଷେଇ କଲାବେଳେ, ଛୋଟ ପିଲାକୁ ଧରିଲା ବେଳେ, ବସିବା ଓ ଶୋଇବା ବେଳେ ଗୋଡ଼କୁ ଯଥା ସମ୍ଭବ ଉଚ୍ଚାରେ ରଖିବେ ।
- ହାଇଡ୍ରୋସିଲ (ଅଣ୍ଡକୋଷ ବୃଦ୍ଧି) ହୋଇଥିଲେ ଅସ୍ତ୍ରୋପଚାର କରାଇ ଆରୋଗ୍ୟଲାଭ କରିପାରିବେ ।

## ଚିତ୍ରରେ ଦେଖାଗଲାପରି ନିୟମିତ ବ୍ୟାୟାମ କରିବେ ।

କ) ଦୁଇହାତ ଲଗାଇ କାନ୍ଥରେ ଭରା ଦିଅନ୍ତୁ । ଗୋଡ଼ର ଗୋଇଠିକୁ ଟେକି ପାଦଅଙ୍ଗୁଠି ଉପରେ ଠିଆ ହୁଅନ୍ତୁ । କିଛି ସମୟ ପରେ ପୁଣି ପାଦ ଉପରେ ଠିଆ ହୁଅନ୍ତୁ । ଏଇଭଳି ୫ ରୁ ୧୦ ଥର ପ୍ରତ୍ୟେକ ଦିନ କରିବେ । କଷ୍ଟ

ଅନୁଭବ ହେଲେ ପ୍ରଥମେ ଗୋଟିଏ ଗୋଡ଼ରେ କରିବେ ଏବଂ ପରେ ଅନ୍ୟ ଗୋଡ଼ରେ କରିବେ।



ଖ) ବସିବା ବା ଶୋଇବା ଅବସ୍ଥାରେ ଦୁଇ ପାଦକୁ ଯୋଡ଼ି ଉପରକୁ ରଖିବେ। ଆଙ୍ଗୁଠିଗୁଡ଼ିକ ତଳକୁ ବଙ୍କାଇ ୩ ରୁ ୫ ସେକେଣ୍ଡ ପର୍ଯ୍ୟନ୍ତ ରଖିବେ। ଏଇଭଳି ୫ ରୁ ୧୦ ଥର କରିବେ। ଏହା ସାଙ୍ଗରେ ଦୁଇପାଦ ଏକାଥରକେ କିମ୍ବା ଥରକୁ ଗୋଟିଏ ପାଦରେ ଏପରି କରିବେ।

ଗ) ବସିବା କିମ୍ବା ଶୋଇବା ଅବସ୍ଥାରେ ଗୋଇଠି ଉପରେ ଭରାଦେଇ ଗୋଡ଼ର ବ୍ୟାୟାମ ନିମୟିତ କରିବେ।

- ଡାହାଣ ପାଦକୁ ବାମରୁ ଡାହାଣପଟକୁ ୫ ରୁ ୧୦ ଥର ବୁଲାଇବେ
- ତା ପରେ ବାମ ଗୋଡ଼ର ବ୍ୟାୟାମ ଏହିପରି କରିବେ।

## ବାତଜ୍ୱର ହୋଇଥିବା ବେଳେ

### ✓ କ'ଣ କରିବେ

- ସର୍ବଦା ସତର୍କ ରହିବେ ଯେପରି ବାତଜ୍ୱର ଅଙ୍ଗରେ କୌଣସି ଆଘାତ ଲାଗି କ୍ଷତ ସୃଷ୍ଟି ନ ହୁଏ।
- ବାତଜ୍ୱର ବେଳେ ପରିଷ୍କାର ପାଣିରେ ଗୋଡ଼କୁ ବୁଡ଼ାଇ ରଖିବେ। ଯନ୍ତ୍ରଣା କମିଲା ଯାଏ ଏପରି କରିବେ।
- ସମ୍ପୂର୍ଣ୍ଣ ବିଶ୍ରାମ ନେବେ।
- ବାତଜ୍ୱର ଆକ୍ରାନ୍ତ ଅଙ୍ଗକୁ ଓଦା କନା ପକାଇ ଥଣ୍ଡା ରଖିବେ।
- ଯଥେଷ୍ଟ ପାଣି ପିଇବେ।
- ଜ୍ୱର କମାଇବା ପାଇଁ ଔଷଧ ସେବନ କରିବେ।
- ନିକଟସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କୁ ପରାମର୍ଶ କରିବେ।

### ✗ କ'ଣ କରିବେ ନାହିଁ

- ଯନ୍ତ୍ରଣା ହେଉଥିବା ଅଙ୍ଗରେ ଉଷୁମ ପାଣି ଲଗାଇବେ ନାହିଁ କିମ୍ବା ସେକ ଦେବେ ନାହିଁ।
- ଚର୍ମକୁ କୁଣ୍ଡାଇବେ ନାହିଁ କିମ୍ବା ଚର୍ମରେ ଆଘାତ ଦେବେ ନାହିଁ।
- ଅଙ୍ଗ ଫୁଲି ଯନ୍ତ୍ରଣା ହେଲା ବେଳେ ପଟି କିମ୍ବା ବ୍ୟାଣ୍ଡେଜ୍ ବ୍ୟବହାର କରିବେ ନାହିଁ କିମ୍ବା ବ୍ୟାୟାମ କରିବେ ନାହିଁ।
- ମୋଟା ରଗଡ଼ା କନା ବ୍ୟବହାର କରିବେ ନାହିଁ।
- ରୋଗ ଆକ୍ରାନ୍ତ ସମୟରେ ତେଲ ମାଲିସ କରିବେ ନାହିଁ।
- ଶ୍ୱାସ ରୋଗୀ ଓ ହୃଦଘାତ ରୋଗୀ ପାଦ ଉଚ୍ଚରେ ରଖିବେ ନାହିଁ।

## ଗୋଦର ଗୋଡ଼ର ସୋପାନ

୧ ୨ ୩ ୪ ୫ ୬ ୭



୧. ଫୁଲା ଠିକ୍ ହୋଇପାରିବ

୨. ଫୁଲା ଠିକ୍ ହୋଇପାରିବ ନାହିଁ

୩. ପାଦ ଓ ଗୋଡ଼ ମଧ୍ୟରେ ଭାଙ୍ଗ ପଡ଼ିବା

୪. ଗଣ୍ଠି ଗଣ୍ଠି ଭଳି ହୋଇଯିବା

୫. ଗଭୀର/ମୋଟା ଭାଙ୍ଗ ପଡ଼ିବା

୬. ଚର୍ମ ନଷ୍ଟ ହୋଇ କ୍ଷତ/ଘା ହେବା

୭. ଅତ୍ୟଧିକ ଫୁଲା ଦ୍ୱାରା ନିୟନ୍ତ୍ରଣ ହରାଇବା

## ଗୋଦର ଗୋଡ଼ର ଯତ୍ନ



ଭଲକି ପ୍ରତ୍ୟେକ ଦିନ ଧୋଇବା



କ୍ଷତ ସ୍ଥାନର ଯତ୍ନ
ଓ ଔଷଧ ଦ୍ୱାରା ଠିକ୍ କରିବା



ଗୋଡ଼ ଉପର କରି ରଖିବା



ପ୍ରତ୍ୟେକ ଦିନ ବ୍ୟାୟାମ କରିବା




ଉପଯୁକ୍ତ ଜୋତା ପିନ୍ଧିବା



ସାଂଘାତିକ ଲକ୍ଷଣର ତୁରନ୍ତ
ଚିକିତ୍ସା କରିବା

ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମ
ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସମ୍ବଲପୁର